# NATIONAL NEWS BULLETIN (ODIA)

## 24th July - 2025

## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନ ଆଜିପାଇଁ ମୁଲତବୀ ।

- ଭାରତ ଓ ବ୍ରିଟେନ୍ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ।

— ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବାରେ ଏହି ଚୁକ୍ତି ମାର୍ଗ ପ୍ରଶସ୍ତ କରିଛି; କହିଲେ ପ୍ରଧାନମନ୍ତ୍ରୀ ।

- ଜାତୀୟ ସମବାୟ ନୀତି-୨୦୨୫ ଘୋଷଣା କଲେ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ।

- ରୁଷ-ଚୀନ୍ ସୀମାନ୍ତ ଅଞ୍ଚଳରେ ବିମାନ ଦୁର୍ଘଟଣାରେ ୪୯ ଜଣଙ୍କର ମୃତ୍ୟୁ ।

ଏବଂ

- ଓଲ୍ଡ ଟ୍ରାଫୋର୍ଡ଼ ଟେଷ୍ଟରେ ଭାରତ ପ୍ରଥମ ଇନିଙ୍ଗ୍‌ସରେ ସଂଗ୍ରହ କରିଛି ୩୫୮ ରନ୍ ।

## ଏଲ୍.ଏସ୍.-ଆର୍.ଏସ୍. - ଆଡଜର୍ଣ୍ଣ

ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନକୁ ଆଜି ଦିନକପାଇଁ ମୁଲତବୀ ରଖାଯାଇଛି । ପ୍ରଥମେ ଲୋକସଭାକୁ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା । ଅପରାହ୍ଣ ଅଧିବେଶନରେ ବି.ଜେ.ପି. ସଦସ୍ୟ ନିଶୀକାନ୍ତ ଦୁବେ ଯୋଗାଯୋଗ ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଉପରେ ସ୍ଥାୟୀ କମିଟିର ରିପୋର୍ଟ ସଦନରେ ଉପସ୍ଥାପନ କରିଥିଲେ । ବି.ଜେ.ପି.ର ଜନାର୍ଦ୍ଦନ ମିଶ୍ର ମଧ୍ୟ ଗ୍ରମୀଣ ବିକାଶ ଉପରେ ସ୍ଥାୟୀ କମିଟିର ରିପୋର୍ଟ ଉପସ୍ଥାପନ କରିଥିଲେ । ଏହାପରେ ଆଇନ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନରାମ ମେଘୱାଲ୍ ଗୋଆ ବିଧାନସଭା କ୍ଷେତ୍ରରେ ଅନୁସୂଚିତ ଜନଜାତିଙ୍କ ପ୍ରତିନିଧିତ୍ୱର ପୁନଃସଞ୍ଚାର ବିଲ୍-୨୦୨୪ ଆଗତ କରିଥିଲେ । ଏହି ବିଲ୍ ଆଗତ କରି ମନ୍ତ୍ରୀ ଶ୍ରୀ ମେଘୱାଲ୍ ଆଲୋଚନାରେ ଅଂଶଗ୍ରହଣ କରିବାକୁ ବିରୋଧୀ ଦଳ ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ । ତେବେ ବିରୋଧୀ ସଦସ୍ୟମାନେ ପୂର୍ବଭଳି ଗୃହରେ ହଟ୍ଟଗୋଳ ଜାରି ରଖିଥିଲେ । ପରିସ୍ଥିତିକୁ

ଦୃଷ୍ଟିରେ ରଖି ବାଚସ୍ପତି ଓମ୍ ବିର୍ଲା ଲୋକସଭାକୁ ଆଜିଦିନକ ପାଇଁ ମୁଲତବୀ ରଖିଛନ୍ତି ।

ରାଜ୍ୟସଭାରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହେବାରୁ ଗୃହକୁ ଉପାଧ୍ୟକ୍ଷ ହରିବଂଶ ଆଜି ଦିନକପାଇଁ ଗୃହକୁ ଆଜି ଦିନକପାଇଁ ମୁଲତବୀ କରିଛନ୍ତି । ବିରୋଧୀଙ୍କର ହଟ୍ଟଗୋଳ ମଧ୍ୟରେ ସମୁଦ୍ରପଥରେ ସାମଗ୍ରୀ ପରିବହନ ବିଲ୍- ୨୦୨୫ ଆଗତ କରାଯାଇଥିଲା । ଏ.ଆଇ.ଡି.ଏମ୍.କେ.ର ଏମ୍. ଥାମ୍ବିଦୁରାଇ ଏବଂ ୱାଇ.ଏସ୍.ଆର୍.ସି.ପି.ର ଅଯୋଧ୍ୟା ରାମି ରେଡ୍ଡୀ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ପି.ଏମ୍. - ଲଣ୍ଡନ

ଭାରତ ଏବଂ ବ୍ରିଟେନ୍ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଲଣ୍ଡନଠାରେ ଆଜି ସ୍ୱାକ୍ଷରିତ ହୋଇଥିବା ଏହି ଚୁକ୍ତିନାମା ବାଣିଜ୍ୟ ଏବଂ ପ୍ରତିରକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ନେଇ ମାର୍ଗ ପ୍ରଶସ୍ତ କରିଛି । ଚୁକ୍ତି ସ୍ୱାକ୍ଷରିତ ପରେ ଗଣମାଧ୍ୟମକୁ ବିବୃତ୍ତି ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ଆଜି ହେଉଛି ଏକ ଐତିହାସିକ ଦିନ । ଉଭୟ ଦେଶର ବହୁବର୍ଷର କଠିନ ପରିଶ୍ରମ ପରେ ବ୍ୟାପକ ଅର୍ଥନୈତିକ ଏବଂ ବାଣିଜ୍ୟ ଲକ୍ଷ୍ୟ ନେଇ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଭାରତର ବୟନ ଓ ଚମଡ଼ା ଶିଳ୍ପ, ରତ୍ନ

ଓ ଅଳଙ୍କାର, ସାମୁଦ୍ରିକ ଖାଦ୍ୟ ଏବଂ ବୈଷୟିକ ସାମଗ୍ରୀ କ୍ଷେତ୍ର ବ୍ରିଟେନ୍‌ରେ ବ୍ୟବସାୟର ସୁବିଧା ପାଇବ । ପ୍ରକ୍ରିୟାଯୁକ୍ତ ଖାଦ୍ୟଶିଳ୍ପ ବ୍ରିଟେନ୍ ବଜାରରେ ନୂତନ ସୁଯୋଗ ପାଇବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ଏହି ଚୁକ୍ତି ଭାରତର ଯୁବବର୍ଗ, ଚାଷୀ, ମତ୍ସ୍ୟଜୀବୀ ଏବ ଏମ୍.ଏସ୍.ଏମ୍.ଇ. କ୍ଷେତ୍ରପାଇଁ ବିଶେଷ ଲାଭଦାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି :

***Voice (P.M. - FTA)*** :........

ବ୍ରିଟେନ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍‌ମର୍ କହିଛନ୍ତି, ଆର୍ଥିକ ଦୃଷ୍ଟିକୋଣରୁ ବ୍ରିଟେନ୍ ପାଇଁ ଏହି ଚୁକ୍ତି ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ନେତୃତ୍ୱ ଏବଂ ବାସ୍ତବବାଦିତା ପାଇଁ ଶ୍ରୀ ମୋଦିଙ୍କ ଧନ୍ୟବାଦ ଜଣାଇ ବ୍ରିଟେନ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଚୁକ୍ତି ଉଭୟ ଦେଶପାଇଁ ଲାଭଦାୟକ ହେବ ।

## ପ୍ରେଜ୍ - ଆଷ୍ଟିଷ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଆଜି ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଏକ କଳାକାର ଗୋଷ୍ଠୀ ସାକ୍ଷାତ୍ କରିଛନ୍ତି । ଝାଡ଼ଖଣ୍ଡ, ଓଡ଼ିଶା ଏବଂ ପଶ୍ଚିମବଙ୍ଗର ୨୯ ଜଣ କଳାକାରଙ୍କ ଏହି ଗୋଷ୍ଠୀ ଗତ ୧୪ ତାରିଖରୁ ଆଜି ପର୍ଯ୍ୟନ୍ତ ରାଷ୍ଟ୍ରପତି ଭବନରେ ଅବସ୍ଥାନ କରୁଥିଲେ । ସେମାନେ କଳା ଉତ୍ସବ-୨୦୨୫ର ଦ୍ୱିତୀୟ ସଂସ୍କରଣରେ ମଧ୍ୟ ଅଂଶଗ୍ରହଣ କରିଥିଲେ । ରାଷ୍ଟ୍ରପତି

ମୁର୍ମୁ ରାଷ୍ଟ୍ରପତି ଭବନରେ କଳାକାରଙ୍କଦ୍ୱାରା ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସୋହରାୟ, ପଟ୍ଟଚିତ୍ର ଏବଂ ପଟୁଆ ସମେତ ଦେଶର ଗୁରୁତ୍ୱପୂର୍ଣ୍ଣ ପାରମ୍ପରିକ କଳା ସଂରକ୍ଷଣରେ ଏହି କଳାକାରଙ୍କ ଅବଦାନକୁ ରାଷ୍ଟ୍ରପତି ଉଚ୍ଚ ପ୍ରଶଂସା କରିଛନ୍ତି ।

## ପି.ଏମ୍. - ସୋନୋଓ୍ୱାଲ୍ ଆର୍ଟିକିଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ସମ୍ପ୍ରସାରଣ, ଯାନ୍ତ୍ରିକୀକରଣ, ଡିଜିଟାଇଜେସନ୍ ଏବଂ ସୁଗମ ବ୍ୟବସାୟ ମାଧ୍ୟମରେ ଦେଶର ବନ୍ଦରଗୁଡ଼ିକ ବିଶ୍ୱ ବାଣିଜ୍ୟ କେନ୍ଦ୍ରରେ ପରିଣତ ହେବାକୁ ଯାଉଛି । ଏକ ଦୈନିକ ସମ୍ବାଦପତ୍ରରେ' ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋଓ୍ୱାଲ୍‌ଙ୍କଦ୍ୱାରା ପ୍ରକାଶିତ ଏ ସଂକ୍ରାନ୍ତ ଲେଖାକୁ ସେୟାର୍ କରି ଶ୍ରୀ ମୋଦି କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରମୁଖ ଜାହାଜ ନିର୍ମାଣ କମ୍ପାନୀଗୁଡ଼ିକ ଏବେ ଭାରତୀୟ ସଂସ୍ଥାଗୁଡ଼ିକ ସହିତ ସହଭାଗୀ ହୋଇ ଅଧିକ ନିଯୁକ୍ତି ଏବଂ ନିବେଶ ପାଇଁ ପଥ ପରିଷ୍କାର କରୁଛନ୍ତି । ସାମୁଦ୍ରିକ କ୍ଷେତ୍ରରେ ସ୍ଥାୟିତ୍ୱ, ପର୍ଯ୍ୟଟନର ବ୍ୟାପକ ସୁଯୋଗ ଓ ସମ୍ଭାବନା ଏବଂ ଏ କ୍ଷେତ୍ରରେ ଭାରତର ପ୍ରତିବଦ୍ଧତା ଉପରେ ମନ୍ତ୍ରୀ ଶ୍ରୀ ସୋନୋଓ୍ୱାଲ୍ ତାଙ୍କ ଲେଖାରେ ଉଲ୍ଲେଖ କରିଛନ୍ତି ।

# ନ୍ୟାସନାଲ କୋଅପରେଟିଭ୍ ପଲିସି

ଜାତୀୟ ସମବାୟ ନୀତି-୨୦୨୫ ଆଜି ଘୋଷିତ ହୋଇଛି । ନୂଆଦିଲ୍ଲୀର ଅଟଳ ଅକ୍ଷୟ ଉର୍ଜ୍ଜା ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଏହି ନୀତି ଘୋଷଣା କରି କହିଛନ୍ତି, ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ଏ ସମ୍ପର୍କରେ ଏକ ରିପୋର୍ଟ :

ସହଯୋଗ ମାଧ୍ୟମରେ ସମୃଦ୍ଧି ଦୃଷ୍ଟିକୋଣକୁ ଏହି ନୂତନ ନୀତି ମାଧ୍ୟମରେ ସାକାର କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ସମବାୟ ସଂସ୍ଥାଗୁଡ଼ିକୁ ସମାବେଶୀ କରିବା, ପେସାଦାର ଭାବେ ଏହାର ପରିଚାଳନା, ଭବିଷ୍ୟତପାଇଁ ପ୍ରସ୍ତୁତ ହେବା ଏବଂ ଗ୍ରାମୀଣ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ଓ ଜୀବିକା ସୃଷ୍ଟି କରିବା ହେଉଛି ଏହି ନୀତିର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି । ୨୦୦୨ ମସିହା ପ୍ରାରମ୍ଭରେ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଦେଶରେ ଜାତୀୟ ସମବାୟ ନୀତି ଘୋଷଣା କରାଯାଇଥିଲା । ସମବାୟ ଅନୁଷ୍ଠାନଗୁଡ଼ିକର ଆର୍ଥିକ କାର୍ଯ୍ୟକଳାପକୁ ଉନ୍ନତ ଭାବେ ପରିଚାଳନା କରିବାପାଇଁ ଏହି ନୀତି ମୌଳିକ ଢାଞ୍ଚା ପ୍ରଦାନ କରିଥିଲା । ଆଗମୀ ଦୁଇ ଦଶନ୍ଧିରେ ନୂତନ ସମବାୟ ନୀତି ବିଭିନ୍ନ କ୍ଷେତ୍ରକୁ ଗତିଶୀଳ କରିବ ବୋଲି ଶ୍ରୀ ଶାହା କହିଛନ୍ତି ।

***Voice (Shah) :..........***

ଆସନ୍ତା ୫ ବର୍ଷ ମଧ୍ୟରେ ପ୍ରତ୍ୟେକ ଗ୍ରାମରେ ସମବାୟ ସମିତି ପ୍ରତିଷ୍ଠା କରାଯିବା ନେଇ ସରକାର ନିଷ୍ପତ୍ତି ନେଇଛନ୍ତି । ଆସନ୍ତା ବର୍ଷ ଫେବୃୟାରୀ ମାସ ସୁଦ୍ଧା ଦେଶରେ ୨ ଲକ୍ଷ ପ୍ରାଥମିକ କୃଷି ଋଣ ସମିତି ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଛି । ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁରେଶ ପ୍ରଭାକର ପ୍ରଭୁଙ୍କ ଅଧ୍ୟକ୍ଷତାରେ ଗଠିତ ୪୮ ଜଣିଆ କମିଟି ଏହି ସମବାୟ ନୀତି ପ୍ରସ୍ତୁତ କରିଛନ୍ତି ।

**ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ଆଦିତ୍ୟ ନାରାୟଣ ଦାଶ ।**

## ବୋଇଙ୍ଗ୍ ୭୮୭

ଦେଶର ବିମାନ ସେବାରେ ୩୩ଟି ବୋଇଙ୍ଗ୍-୭୮୭ ଡ୍ରିମ୍‌ଲାଇନର୍ ବିମାନ ରହିଛି । ଲୋକସଭାରେ ଆଜି ଏକ ଲିଖିତ ଉତ୍ତରରେ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମହୋଲ ଏହି ସୂଚନା ଦେଇଛନ୍ତି । ସେଥିମଧ୍ୟରୁ କାର୍ଯ୍ୟକ୍ଷମ ରହିଥିବା ୩୧ଟି ବିମାନକୁ ଯାଞ୍ଚ୍ କରାଯାଇସାରିଛି । ୮ଟି ବିମାନରେ ରହିଥିବା ସାମାନ୍ୟ ତ୍ରୁଟିକୁ ସଜଡ଼ା ଯିବା ପରେ ସେବାପ୍ରଦାନ ପାଇଁ ପ୍ରସ୍ତୁତ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ମହୋଲ କହିଛନ୍ତି । ଅନ୍ୟ ଦୁଇଟି ବିମାନର ରକ୍ଷଣାବେକ୍ଷଣ କାର୍ଯ୍ୟ ଜାରି ରହିଛି । ଅହମ୍ମଦାବାଦ ବିମାନ

ଦୁର୍ଘଟଣାର ସମ୍ଭାବ୍ୟ କାରଣ ଜାଣିବାପାଇଁ ପ୍ରତ୍ୟେକ ଦିଗକୁ ଅନୁଧ୍ୟାନ କରାଯାଉଛି ବୋଲି ସେ କହିଛନ୍ତି ।

## ରଷିଆନ୍ - ପ୍ଲେନ୍ କ୍ରାସ୍

ରୁଷ-ଚୀନ ସୀମାନ୍ତ ଅଞ୍ଚଳରେ ଏକ ବିମାନ ଦୁର୍ଘଟଣାରେ ୪୯ ଜଣଙ୍କର  ମୃତ୍ୟୁ ହୋଇଛି । ଅଙ୍ଗାରା ଏୟାର୍‌ଲାଇନ୍ସ୍‌ଦ୍ୱାରା ପରିଚାଳିତ ରୁଷ୍‌ର ଏହି ବିମାନଟି ଅମୁର ପାର୍ବତ୍ୟାଞ୍ଚଳରେ ଆଜି ଦୁର୍ଘଟଣାଗ୍ରସ୍ତ ହୋଇଛି । ମୃତକଙ୍କ ମଧ୍ୟରେ ୫ ଜଣ ଶିଶୁ ଓ ୬ ଜଣ ବିମାନ କର୍ମଚାରୀ ଅଛନ୍ତି । ବିମାନଟି ବ୍ଲାଗୋଭେସଚେନସ୍କ'ରୁ ରୁଷ-ଚୀନ ସୀମା ନିକଟବର୍ତ୍ତୀ ଟାଇଣ୍ଡା ଅଭିମୁଖେ ଯାତ୍ରା କରୁଥିଲା । ଅବତରଣ କରିବାର କିଛି ସମୟ ପୂର୍ବରୁ ଟ୍ରାଫିକ୍ ନିୟନ୍ତ୍ରକଙ୍କ ସହ ବିମାନର ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା । ଆକାଶ ପଥରେ ବିମାନଟିରେ ନିଆଁ ଲାଗିଯିବାରୁ ଏହା ଦୃଷ୍ଟିଗୋଚର ହୋଇ ନ ଥିଲା । ଟାଇଣ୍ଡାରୁ ପ୍ରାୟ ୧୦ କିଲୋମିଟର ଦୂରରେ ବିମାନଟିର ଭଗ୍ନାବଶେଷ ମିଳିଥିଲା । ଦୁର୍ଘଟଣାରେ ସମସ୍ତ ଯାତ୍ରୀଙ୍କର ମୃତ୍ୟୁ ହୋଇଛି ବୋଲି ସ୍ଥାନୀୟ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି ।

# ଆର୍.ଏସ୍. - ସ୍ପୋର୍ଟସ୍

'ଖେଲେ ଇଣ୍ଡିଆ ନୀତି-୨୦୨୫' ଏକ ବ୍ୟାପକ ଏବଂ କ୍ରୀଡ଼ାବିତ୍ କୈନ୍ଦ୍ରିକ ଆଭିମୁଖ୍ୟ ନେଇ କାର୍ଯ୍ୟକାରୀ କରାଯାଇଛି ବୋଲି ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭିୟ କହିଛନ୍ତି । ରାଜ୍ୟସଭାରେ ଆଜି ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ଶ୍ରୀ ମାଣ୍ଡଭିୟ କହିଛନ୍ତି, ଦେଶର କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଏହି ନୀତି କ୍ରୀଡ଼ାକ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରୁଛି । ଆନ୍ତର୍ଜାତିକ କ୍ରୀଡ଼ା ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ଏହାଦ୍ୱାରା ସମନ୍ୱିତ ହୋଇପାରିଛି ବୋଲି ମନ୍ତ୍ରୀ ଡକ୍ଟର ମାଣ୍ଡଭିୟ କହିଛନ୍ତି । ଶିକ୍ଷା ବ୍ୟବସ୍ଥାରେ କ୍ରୀଡ଼ାକୁ ସାମିଲ୍ କରାଯିବା ସହ ଯୁବ ପ୍ରତିଭା ଚିହ୍ନଟ ଏବଂ ପ୍ରୋତ୍ସାହନ ପାଇଁ ଏହି ନୀତି ଏକ ବ୍ୟାପକ ଢାଞ୍ଚା ପ୍ରଦାନ କରୁଛି । ଏହି ନୀତି ମାଧ୍ୟମରେ ଘରୋଇ କ୍ଷେତ୍ରକୁ ମଧ୍ୟ ଏକ ପ୍ରମୁଖ ଅଂଶୀଦାର ଭାବେ ଗ୍ରହଣ କରାଯାଇଛି । ତୃଣମୂଳ ସ୍ତରରେ ପ୍ରତିଭା ଚିହ୍ନଟ ସହିତ ଜାତୀୟ ତଥା ଆନ୍ତର୍ଜାତିକ ସ୍ତରରେ କ୍ରୀଡ଼ା ପ୍ରଦର୍ଶନକୁ ଅଧିକ ବଳିଷ୍ଠ କରିବାକୁ ଏହି ନୀତି ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ମାଣ୍ଡଭିୟ କହିଛନ୍ତି ।

# ଇଣ୍ଡିଆ-ଇଂଲଣ୍ଡ ଟେଷ୍ଟ

ଓଲଡ୍ ଟ୍ରାଫୋର୍ଡ଼ ଟେଷ୍ଟରେ ଭାରତର ପ୍ରଥମ ଇନିଙ୍ଗ୍‌ସରେ ୩୫୮ ରନ୍ ସଂଗ୍ରହ କରିଛି । ଏହି ଟେଷ୍ଟର ଆଜିର ଦ୍ୱିତୀୟ ଦିନର ଖେଳ ଭାରତ ଗତକାଲିର ସ୍କୋର୍ ୪ ଓ୍ୱିକେଟ୍‌ରେ ୨୬୪ ରନ୍‌ରୁ ଆରମ୍ଭ କରିଥିଲା । ଦଳ ପକ୍ଷରୁ ସାଇ ସୁଦର୍ଶନ ସର୍ବାଧିକ ୬୧ ରନ୍, ଯଶସ୍ୱୀ ଜୟଶ୍ୱାଲ୍ ୫୮ ରନ୍ ଏବଂ ରିଷଭ୍ ପନ୍ଥ ୫୪ ରନ୍ ସଂଗ୍ରହ କରିଥିଲେ । ଇଂଲଣ୍ଡ ପକ୍ଷରୁ ବେନ୍ ଷ୍ଟୋକ୍‌ସ ସର୍ବାଧିକ ୫ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ ।  ଇଂଲଣ୍ଡର ପ୍ରଥମ ଇନିଙ୍ଗ୍‌ସ ବ୍ୟାଟିଂ ଜାରି ରହିଛି । ଆଣ୍ଡର୍ସନ-ତେନ୍ଦୁଲ୍‌କର ଟ୍ରଫି ୫ଟିକିଆ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି ।

*****